ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୮ ଜାନୁୟାରୀ, ୨୦୨୩

**ପେପର ମିଲ କର୍ମଚାରୀଙ୍କ ବିକ୍ଷୋଭ**

ଜୟପୁର, (ନି.ପ୍ର.)- ଜୟପୁର ଦେଇ ଯାଇଥିବା ୨୬ ନଂ. ଜାତୀୟ ରାଜପଥର ମୁଖ୍ୟ ଟ୍ରାଫିକ ଛକ ନିକଟରେ ଗୁରୁବାର ସେବା ପେପର ମିଲ ଅବସର ପ୍ରାପ୍ତ କର୍ମଚାରୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଅବସର ପ୍ରାପ୍ତ କର୍ମଚାରୀ ପ୍ରମୋଦ ମହାନ୍ତିଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସମ୍ବିଧାନ ପ୍ରଣୟନ ଦିବସରେ ସାମ୍ବିଧାନିକ ଅଧିକାର ପାଇବା, ଅବସର ପ୍ରାପ୍ତ କର୍ମଚାରୀଙ୍କ ଇପିଏଫ, ପେନସନ, ବକେୟା ପାଉଣା ଦେବା, ରାଜ୍ୟ ସରକାର, ପ୍ରଶାସନିକ ଅଧିକାରୀ ଓ ଲୋକ ପ୍ରତିନିଧିମାନେ ଏଥିପ୍ରତି ଦୃଷ୍ଟି ଦେବାକୁ କର୍ମଚାରୀମାନେ ନିବେଦନ କରିଛନ୍ତି।



## ସଂକ୍ଷେପରେ

### ସୋର୍ଲୁକୋଣ୍ଡା ବ୍ୟାରେଜରୁ ଯୁବକଙ୍କ ମୃତଦେହ ଜବତ

ମାଲକାନଗିରି/କେରୁକୋଣ୍ଡା୨୭।୧ (ଡି.ଏନ୍.ଏ.)- ମାଲକାନଗିରି ଜିଲା ବାଲିମେଳାଠାରୁ ଅଳ୍ପ ଦୂରରେ ଥିବା ସୋର୍ଲୁକୋଣ୍ଡା ବ୍ୟାରେଜ ସହ ସଂଯୋଗ ହୋଇଥିବା ଗମ୍ପାକୋଣ୍ଡା କେନାଲରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। କେନାଲରେ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ଓର୍କେଲ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଥାନା ଅଧିକାରୀ ଜନ ଖୁଜୁରଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଘଟଣାର ତଦନ୍ତ ଜାରି ରହିଥିବା ବେଳେ ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରିନାହିଁ। ଘଟଣା ସ୍ଥଳରୁ ଏକ ବାଇକ୍ ପୋଲିସ ଜବତ କରିଛି।

### ରାଧାକୃଷ୍ଣ ମନ୍ଦିରର ବାର୍ଷିକ ଉତ୍ସବ



ଚିତ୍ରକୋଣ୍ଡା,୨୭।୧(ଡି.ଏନ.ଏ.)- ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ଚିତ୍ରକୋଣ୍ଡା ଶ୍ରୀହରି କଲୋନୀସ୍ଥିତ ରାଧାକୃଷ୍ଣ ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବ ସ୍ଥିରୀକୃତ କାର୍ଯ୍ୟକ୍ରମ ମୁତାବକ ପୂଜାବିଧି ଅନୁସାରେ ସିଲେରୁ ନଦୀରୁ ଜଳ ଉଠାଯାଇ କଳସ ଶୋଭାଯାତ୍ରା ହୋଇଥିଲା। ପାରମ୍ପରିକ ପୂଜାର୍ଚ୍ଚନା ସହ ନାମ ଯଜ୍ଞ କରାଯାଇଥିଲା। କାର୍ଯ୍ୟକ୍ରମ କୁ ସଭାପତି ବିଶ୍ୱନାଥ ମଲିକ, ସୋନୁ ଖିଲ,ରସା ବେପାରୀ, ଅଜୟ ସିକଦାର,ରବି ରଥ, ଶିଶିର ବରମନ, ସୁକୁମାର ସରକାର, ଭୋଲାନାଥ ମଲିକ ଓ ବିଦେଶୀ ଗୌଡ଼ ପରିଚାଳନା କରିଥିଲେ।

### ମାଲକାନଗିରି କ୍ରିକେଟ ଆସୋସିଏଶନ ପୁନର୍ଗଠିତ



ମାଲକାନଗିରି,୨୭।୧ (ଡି.ଏନ୍.ଏ.)- ମାଲକାନଗିରି ଜିଲା ସଦର ମହକୁମାସ୍ଥିତ କ୍ରିକେଟ ଆସୋସିଏଶନ ପୁନର୍ଗଠିତ ହୋଇଛି। ଆସୋସିଏଶନର ସଭାପତି ଭାବେ ଜି. ଶ୍ରୀନିବାସ ରାଓ, ଏବଂ ଉପସଭାପତି ଭାବେ ରବି ରାଜେଶ ଓ ଅକ୍ଷୟ ଖୋସଲାଙ୍କୁ ଚୟନ କରାଯାଇଛି। ସାଧାରଣ ସମ୍ପାଦକ ରୂପେ ସୂର୍ଯ୍ୟ ନାରାୟଣ ନାୟକ, ଯୁଗ୍ମ ସମ୍ପାଦକ ବସନ୍ତ ନାୟକ ଏବଂ କୋଷାଧକ୍ଷ ଭାବେ ଶଙ୍କର ମହାନ୍ତି ମନୋନୀତ ହେଇଛନ୍ତି। ସକ୍ରିୟ ସଦସ୍ୟ ରୂପେ ରାଜେଶ ମାଦଳା, ଲକ୍ଷ୍ମୀକାନ୍ତ ପୂଜାରୀ, ଉପଦେଷ୍ଟା କେଶୁ ରାଓ ରହିଛନ୍ତି। ସୂଚନାଯୋଗ୍ୟ, ଆସୋସିଏସନର କିଛି ପ୍ରମୁଖ ଲୋକଙ୍କ ଦେହାନ୍ତ ଯୋଗୁ ଦୀର୍ଘ ବର୍ଷ ହେଲା ନୂତନ କର୍ମକର୍ତ୍ତା ପାଇଁ ଚୟନ ହୋଇପାରୁ ନ ଥିଲା। ସୂର୍ଯ୍ୟ ନାରାୟଣ ନାୟକ ଏବଂ ସୁମନ୍ତ ବୈରାଗୀ କାମଚଳା ଭାବେ ଆସୋସିଏଶନ ଦାୟିତ୍ୱ ତୁଲାଉଥିଲେ। ଏବେ ଉଭୟଙ୍କ ପ୍ରଚେଷ୍ଟାରେ ନୂତନ କର୍ମକର୍ତ୍ତା ଚୟନ ହୋଇଛନ୍ତି।

# ଛାତ୍ରୀଛାତ୍ରମାନେ ଆମ ଦେଶର ଗରିମାକୁ ବିଶ୍ୱସ୍ତରରେ ପହଞ୍ଚାନ୍ତୁ: ମନ୍ତ୍ରୀ

**ମାଲକାନଗିରିରେ ଜିଲାସ୍ତରୀୟ ଗଣତନ୍ତ୍ର ଦିବସ**

ମାଲକାନଗିରି,୨୭।୧ (ଡି.ଏନ୍.ଏ.)

ମାଲକାନଗିରିରେ ଜିଲାସ୍ତରୀୟ ୭୪ତମ ଗଣତନ୍ତ୍ର ଦିବସ ଗୁରୁବାର ପାଳିତ ହୋଇଯାଇଛି। ଡିଏନ୍‌କେ ଖେଳ ପଡିଆଠାରେ ଅନୁଷ୍ଠିତ ସମ୍ମିଳିତ ପରେଡରେ ମୁଖ୍ୟଅତିଥି ରୂପେ ଯୋଗଦେଇ ପରିବହନ ଏବଂ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ ଅଭିବାଦନ ଗ୍ରହଣ କରିଥିଲେ। ମାଲକାନଗିରି ଜିଲାର ବୀରପୁରୁଷ ଶହୀଦମାନଙ୍କ ସ୍ମୃତିଚାରଣ କରି ସେ ସରକାରଙ୍କ ଦ୍ୱାରା ମାଲକାନଗିରି ଜିଲାରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଛାତ୍ରୀଛାତ୍ରମାନେ ଦେଶ ବିକାଶରେ ସାମିଲ ହୋଇ ଆମ ଦେଶ ଗରିମାକୁ ବିଶ୍ୱସ୍ତରରେ ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ। ପରେଡରେ ପୋଲିସବାହିନୀ ସହ ଏନ୍.ସି.ସି., ଗାଇଡ୍, ଅଲ୍ ଓଡ଼ିଶା ମାର୍ଶାଲ ଆର୍ଟ ଏବଂ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ୨୮ଟି ଦଳ ଭାଗ ନେଇଥିଲେ। ପରେ ମନ୍ତ୍ରୀ କ୍ରୀଡ଼ା ଓ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତି ବିଶେଷ ଏବଂ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଉପ-କାରାଗାରକୁ ଯାଇ ରୋଗୀ ଓ ଅନ୍ତେବାସୀଙ୍କୁ ଫଳବଣ୍ଟନ କରିଥିଲେ। ଶିଶୁ ଗୃହରେ ଶିଶୁମାନଙ୍କ ଗହଣରେ କିଛି ସମୟ ବିତାଇ ଭୁବନେଶ୍ୱର ଫେରି ଯାଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାପାଳ ବିଶାଲ ସିଂ, ଆରକ୍ଷୀ ଅଧୀକ୍ଷକ ନିତେଶ ୱାଧ୍ୱାନି, ବିଭିନ୍ନ ବିଭାଗର ପଦାଧିକାରୀ ଓ ବୁଦ୍ଧିଜୀବୀମାନେ ସାମିଲ ହୋଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ମନ୍ତ୍ରୀ ଟୁକୁନି ସାହୁ ଅଭିବାଦନ ଗ୍ରହଣ କରୁଛନ୍ତି।

# ସ୍ୱାଭିମାନ ଅଞ୍ଚଳରେ ଗଣତନ୍ତ୍ର ଦିବସ

ମାଲକାନଗିରି/ଚିତ୍ରକୋଣ୍ଡା, ୨୭।୧ (ଡି.ଏନ୍.ଏ.)

ମାଲାକନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳର ଜଡାମ୍ବ ଥାନାରେ ପୋଲିସ ଉଚ୍ଚ ପଦାଧିକାରୀମାନେ ୭୪ତମ ଗଣତନ୍ତ୍ର ଦିବସ ପାଳନ କରିଛନ୍ତି। ୨୦୨୦ ଜାନୁଆରୀ ୨୫ରେ ଏହି ଅଞ୍ଚଳବାସୀ ମାଓବାଦୀଙ୍କ କବଳରୁ ମୁକ୍ତ ପାଇଥିବାରୁ ଏହିଦିନକୁ ବିଜୟ ଦିବସ ଭାବେ ପାଳନ କରି ଆସୁଛନ୍ତି। ଆଜି ଗଣତନ୍ତ୍ର ଦିବସରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଗ୍ରାମବାସୀଙ୍କ ଉପସ୍ଥିତିରେ ଗୁଇନ୍ଦା ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା, ଅତିରିକ୍ତ ନିର୍ଦ୍ଦେଶକ (ଅପରେସନ) ଅମିତାଭ ଠାକୁର, ଡିଆଇଜି ସ୍ୱତନ୍ତ୍ର ଗୁଇନ୍ଦା ସଂସ୍ଥା ଅନିରୁଦ୍ଧ ସିଂ, କୋରାପୁଟ ଡିଆଇଜି ରାଜେଶ ପଣ୍ଡିତ, ମାଲକାନଗିରି ଏସ୍.ପି. ନିତିଶ୍ ୱାଧ୍ୱାନିଙ୍କ ଉପସ୍ଥିତିରେ ପତାକା ଉତ୍ତୋଳନ କରାଯାଇଥିଲା। ଏହି ଅବସରରେ ଗ୍ରାମବାସୀଙ୍କୁ ବିଭିନ୍ନ ଘରୋଇ ଉପକରଣ, ଯୁବପିଢ଼ିଙ୍କୁ କ୍ରୀଡ଼ା ସାମଗ୍ରୀ, ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ପ୍ରଦାନ କରିଥିଲେ। ସେହିପରି ରାଲେଗଡ଼ାରେ ମଧ ଗଣତନ୍ତ୍ର ଦିବସ ପାଳିତ ହୋଇଛି। ସରପଞ୍ଚ କମଳୁ ହନ୍ତାଳ, ୱାର୍ଡମେମ୍ବର, ସମିତି ସଭ୍ୟ, ବିଶନାଥ ଖିଲ,ଏମ୍‌ବିକେ ବଳରାମ ଗୋଲରୀ,ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ, ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଓ ଜନସାଧାରଣ ଉପସ୍ଥିତ ଥିଲେ।

# ୬ ଜିଲାର ଲଘୁ ବନଜାତ ଦ୍ରବ୍ୟ ଅନ୍ୟକୁ ଟେକି ଦେବାକୁ ସରକାରଙ୍କ ମସୁଧା

**ମାଓବାଦୀ ସଙ୍ଗଠନ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତିରେ ଅଭିଯୋଗ**

ମାଲକାନଗିରି,୨୭।୧ (ଡି.ଏନ୍.ଏ.)

ଆନ୍ଧ୍ର ଓଡ଼ିଶା ମାଓବାଦୀ ସଙ୍ଗଠନ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜାରି ହୋଇଛି। ମାଓବାଦୀ ସଚିବ ଗଣେଶ ଏହି ପ୍ରେସ ବିଜ୍ଞପ୍ତି ଜାରି କରିଛନ୍ତି। ଏଥିରେ ରାଜ୍ୟ ସରକାର ବିକାଶ ନାମରେ ଆଦିବାସୀଙ୍କ ଭିଟାମାଟି, ଓ ଅଧିକାର ପୁଞ୍ଜିପତିଙ୍କୁ ଟେକି ଦେଉଛନ୍ତି ବୋଲି ଅଭିଯୋଗ କରାଯାଇଛି। ଏଥିସହ ଡିସେମ୍ବର ୩ରେ ରାଜ୍ୟ ସରକାର ଓଡ଼ିଶା କନକ୍ଲେଭ୍ କରି ରାଜ୍ୟର ୬ଟି ଜିଲାର ଜଙ୍ଗଲଜାତ ଦ୍ରବ୍ୟ ବିକ୍ରି ପାଇଁ ହାଇଦ୍ରାବାଦର ଆଇଏସ୍‌ବି ନାମକ ଏକ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦେଇଛନ୍ତି। ଆଇଏସ୍‌ବି ସହ ମିଶନଶକ୍ତିର ଅନୁବନ୍ଧିତାରେ ୬ଟି ଜିଲା ମାଲକାନଗିରି, ନବରଙ୍ଗପୁର, କୋରାପୁଟ, ରାୟଗଡା, ମୟୂରଭଞ୍ଜ ଏବଂ କେନ୍ଦୁଝର ଜଙ୍ଗଲର ଉପଲବ୍ଧ ଲଘୁ ବନଜାତ ଦ୍ରବ୍ୟ ବାଉଁଶ, ଟୋଲା, ମହୁଲ ସହ ଅନ୍ୟାନ୍ୟ ଜଙ୍ଗଲି ଦ୍ରବ୍ୟ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ କିଣି ଅନ୍ୟକୁ ବିକ୍ରି କରିବାକୁ ଚୁକ୍ତି କରାଯାଇଛି। ଏହାକୁ ନେଇ ମାଓବାଦୀ ସଙ୍ଗଠନର ଆନ୍ଧ୍ର-ଓଡ଼ିଶା ସ୍ୱତନ୍ତ୍ର ବର୍ଡର ଜୋନାଲ କମିଟି ନିନ୍ଦା କରିଛି। ଆଇଏସ୍‌ବି ସଂସ୍ଥାରେ ସ୍ଥାନୀୟ ଅଞ୍ଚଳର ଯେଉଁ ବ୍ୟକ୍ତିମାନେ ମଧ୍ୟସ୍ଥ ସାଜି କର୍ପୋରେଟ ସେକ୍ଟରକୁ ସହାୟତା କରୁଛନ୍ତି ସେମାନଙ୍କୁ ପ୍ରଜାକୋର୍ଟରେ ଦଣ୍ଡିତ କରାଯିବ ବୋଲି ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛଇ। ଏନେଇ ମାଲକାନଗିରି ଏସ୍.ପି. ନିତିଶ୍ ୱାଧ୍ୱାନିଙ୍କୁ ପଚାରିବାରୁ ସେ କହିଲେ, ଏଭଳି ସଂସ୍ଥା ବାବଦରେ ତାଙ୍କ ନିକଟରେ କୌଣସି ତଥ୍ୟ ନାହିଁ।

# କୋରାପୁଟରେ କଂଗ୍ରେସର ଭାରତ ଯୋଡ ଯାତ୍ରା

କୋରାପୁଟ,୨୭।୧(ସ୍ୱ.ପ୍ର.)

ଅଖିଳ ଭାରତୀୟ ଜାତୀୟ କଂଗ୍ରେସ କମିଟି ପକ୍ଷରୁ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କନ୍ୟାକୁମାରୀ ଠାରୁ କାଶ୍ମୀର ପର୍ଯ୍ୟନ୍ତ ଐତିହାସିକ ଭାରତ ଯୋଡ ଯାତ୍ରା ଚାଲିଛି। ଏହି ଭାରତ ଯୋଡ ଯାତ୍ରା ମଧ ଦଳ ପକ୍ଷରୁ ଓଡ଼ିଶାରେ ଆରମ୍ଭ ହୋଇଛି। ଜାତୀୟସମସ୍ୟା ସହିତ ରାଜ୍ୟର ଅନେକ ସମସ୍ୟାକୁ ପ୍ରସଙ୍ଗ କରି ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଏହି ଯାତ୍ରା ହୋଇଥିଲା। ଏହି ପଦଯାତ୍ରାରେ ପଟ୍ଟନାୟକଙ୍କ ସହିତ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ଓ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, କଂଗ୍ରେସ ଜିଲା ସଭାନେତ୍ରୀ ମିନାକ୍ଷୀ ବାହିନୀପତି, କୃଷ୍ଣ କୁଲଦୀପ, ପୂର୍ବତନ ବିଧାୟକ ନିମାଇଁ ସରକାର ଓ ରାମଚନ୍ଦ୍ର କାଡାମ, ଯୁବ ନେତା ରୂପକ ତୁରୁକ, ମନୋଜ ଆଚାର୍ଯ୍ୟ,ଏସି ସେଲର ଜିଲା ସଭାପତି ରମେଶ ବାଖ୍ୟାଙ୍କ ସହ ପୂର୍ବତନ ବିଧାୟକ ଓ ଦଳୀୟ କର୍ମୀ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ନେତାମାନେ ରାଜ୍ୟ ଓ କେନ୍ଦ୍ର ସରକାରୀଙ୍କ ଉପରେ ପ୍ରବଳ ବର୍ଷି ଥିଲେ।

# ବନଗୁରୁ ଟିମ ଚାମ୍ପିୟନ



ଅତିଥିଙ୍କଠାରୁ ଖେଳାଳିମାନେ ଟ୍ରଫି ଗ୍ରହଣ କରୁଛନ୍ତି।

**ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ**

ଚିତ୍ରକୋଣ୍ଡା,୨୭।୧(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକର ଲାଲ ବାହାଦୁର ଶାସ୍ତ୍ରୀ ୟୁଥ ଆଣ୍ଡ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ଗତ ୧୭ରୁ ଚାଲିଥିବା ବିଜୟ ସ୍ମାରକୀ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ୧ଟି ଭଲିବଲ ଟିମକୁ ନେଇ ହୋଇଥିବା ଏହି ଟୁର୍ନାମେଣ୍ଟର ଉଦ୍‌ଯାପନୀ ମ୍ୟାଚରେ ଚିତ୍ରକୋଣ୍ଡା ବ୍ୟାଙ୍କ ଲାଇନ ଟିମ ଓଟ ବନଗୁରୁ କଲୋନୀ ଭଲିବଲ ଟିମ ପରସ୍ପରକୁ ଭେଟିଥିଲେ। ଏଥିରେ ବନଗୁରୁ ଟିମ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରାଜେଶ୍ୱରୀ ଖିଲ, ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରତିନିଧି ଅମିତ ଅଗ୍ରୱାଲ, ନାଏବ ସରପଞ୍ଚ ଲକ୍ଷ୍ମୀ ମାର୍ଣ୍ଡି, ଲାଲବାହାଦୁର ଶାସ୍ତ୍ରୀ ୟୁଥ ଆଣ୍ଡ ସ୍ପୋର୍ଟ୍ସ କ୍ଲବ ସଭାପତି ନାରାୟଣ ଦାସ, ବରିଷ୍ଠ ଖେଳାଳି ସନାତନ ବେହେରା ଯୋଗ ଦେଇଥିଲେ। ରେଫରି ଭାବେ ପଙ୍କଜ ସ୍ୱାଇଁ ଦାୟିତ୍ୱ ତୁଲାଇଥିଲେ। କ୍ଲବ ଉପଦେଷ୍ଟା ଗଣେଷ ଖରା, ସଦସ୍ୟ ଗୁରୁ ତନ୍ତି, ଶ୍ରୀକାନ୍ତ ଖଣ୍ଡାଗିରି,ପପି ଖଣ୍ଡାଗିରି, ବୁଲୁ ନାଗ,ତ୍ରିନାଥ ଖରା ଓ ଦୀପକ କୁଶପାରିଆ ପରିଚାଳନା କରିଥିଲେ।

# ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ




ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଜୟପୁର, ୨୭।୧ (ନି.ପ୍ର.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରଙ୍କ କୃଷିନୀତି ବିରୋଧରେ ଦେଶବ୍ୟାପୀ ପ୍ରତିବାଦ କରାଯାଉଥିବା ବେଳେ କୋରାପୁଟ ଜିଲା ଜୟପୁର ମୁଖ୍ୟ ଟ୍ରାଫିକ ଛକଠାରେ ସଂଯୁକ୍ତ କିଶାନ ମୋର୍ଚ୍ଚା ଓ ଅଖିଳ ଭାରତ କୃଷକ ସଭା ପକ୍ଷରୁ ମଧ ପ୍ରତିବାଦ କରାଯାଇଛି। କୃଷିଜାତ ଦ୍ରବ୍ୟର ସବନିମ୍ନ ସହାୟକ ମୂଲ୍ୟର ଆଇନଗତ ଅନୁମୋଦନ କରିବା, ଆତ୍ୟାବଶ୍ୟକ ଖାଉଟିଦ୍ରବ୍ୟ ଆଇନ- ୧୯୫୫ର ସଂଶୋଧନ ବାତିଲ କରିବା, ସରକାର ମଣ୍ଡି ବନ୍ଦ କରିବା ଷଡଯନ୍ତ୍ର ଓ କୃଷିରେ କର୍ପୋରେଟ ପ୍ରବେଶକୁ ବନ୍ଦ କରିବା, ବିଦ୍ୟୁତ ନିୟାମକ ସଂଶୋଧନ ବିଲ-୨୦୨୦ ବାତିଲ କରିବା ଦାବିରେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିକ୍ଷୋଭରେ ଯୁଧିଷ୍ଠିର ରାଉଳ, ରାମକୃଷ୍ଣ ଦାସ, ସତ୍ୟବ୍ରତ ନନ୍ଦଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ଅଭିଯୋଗର ପୁଣି ତଦନ୍ତ କରିବାକୁ ଦାବି କଲେ ଗ୍ରାମବାସୀ

ଜୟପୁର, ୨୭।୧ (ନି.ପ୍ର.)

ଆବାସ ଯୋଜନାର ତଦନ୍ତ ପୁଣି ଥରେ କରିବାକୁ ଜୟପୁର ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ଗ୍ରାମବାସୀ। ଜୟପୁର ବ୍ଲକ ଅନ୍ତର୍ଗତ ଆମ୍ବାଗୁଡା ଗ୍ରାମବାସୀ ବିଡିଓଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦେଇଛନ୍ତି। ଅଭିଯୋଗର ସତ୍ୟତା ନେଇ ଗଠିତ ଟିମ୍ ଯେଉଁ ତଦନ୍ତ କରିଥିଲା ସେଥିରେ ଟିମ୍ ବ୍ୟକ୍ତିଗତ ଅଭିଯୋଗକାରୀଙ୍କ ବୟାନ ନେଇଥିଲା। ମାତ୍ର ଗ୍ରାମବାସୀଙ୍କଠାରୁ ତଥ୍ୟ ସଂଗ୍ରହ କରି ନ ଥିଲା ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ତେଣୁ ଟିମ ଅଭିଯୋଗର ପୁଣି ଥରେ ତଦନ୍ତ କରିବାକୁ ଗ୍ରାମର ସନ୍ତୋଷ ଲାମା, ରଘୁ ବାଘ, କେ ଶଙ୍କର ରାଓଙ୍କ ସହ ଅନ୍ୟମାନେ ଦାବି କରିଛନ୍ତି।

# ଚିଲଡ୍ରେନ ହୋମ ଜୟପୁରର ପ୍ରତିଷ୍ଠା ଦିବସ ପାଳିତ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଜୟପୁର, ୨୭।୧ (ନି.ପ୍ର.)

ଜୟପୁରସ୍ଥିତ ଚିଲଡ୍ରେନ ହୋମର ୪୬ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲା ଜଜ୍ ବିଘ୍ନେଶ୍ୱର ରାଓ ଯୋଗଦେଇ ଚିଲଡ୍ରେନ ହୋମର ବିକାଶ ସହ ବିଗତ ୪୬ ବର୍ଷ ମଧ୍ୟରେ ଶିଶୁମାନଙ୍କୁ ସୁରକ୍ଷା ଏବଂ ସେମାନଙ୍କ ଉନ୍ନତି ପାଇଁ ଯେଉଁ ସୁଯୋଗ ପ୍ରଦାନ କରାଯାଉଛି ତାହାର ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ରୂପେ ଉପ ଜିଲାପାଳ ବେଦବର ପ୍ରଧାନ ଯୋଗଦେଇ ଏହି ଶିଶୁ ଅନୁଷ୍ଠାନର ବିଭିନ୍ନ ଉନ୍ନତି ଏବଂ ଏହାର ଭବିଷ୍ୟତ ଉପରେ ଆଲୋକପାତ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ, ସୁରକ୍ଷା ଅଧିକାରୀ ବାଳକୃଷ୍ଣ ମଲ୍ଲିକ, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା ଗାୟତ୍ରୀ ଦେବୀ, ଗାୟତ୍ରୀ ପାତ୍ର ପ୍ରମୁଖ ଯୋଗ ଉପସ୍ଥିତ ଥିଲେ। ଚିଲଡ୍ରେନ ହୋମର ସୁପରିଣ୍ଟେଣ୍ଡେଣ୍ଟ ଲିଙ୍ଗରାଜ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରଥିଲେ।

# ନିମ୍ନମାନର ଅମୃତ ସରୋବର କାମ,ତଦନ୍ତ ଦାବି

ଏମଭି-୭୯, ୨୭।୧ (ଡି.ଏନ.ଏ)

ମାଲକାନଗିରି ଜିଲା କାଳିମେଳା ବ୍ଲକ ଟିଗଲ ପଞ୍ଚାୟତ ଅନ୍ତର୍ଗତ ଏମପିଭି -୪୫ରେ ଅମୃତ ସରୋବର କାର୍ଯ୍ୟରେ ନିର୍ମାଣାଧୀନ କଂକ୍ରିଟ କାମ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ଏହି ପୋଖରୀ ଚତୁଃପାର୍ଶ୍ୱରେ କଂକ୍ରିଟ ୱାଲ ନିର୍ମାଣ ହେଉଛି। ଯେଉଁ ଥିରେ ମାଟି ମିଶ୍ରିତ ବାଲି ସହ ନିମ୍ନମାନର ମେଟାଲ ବ୍ୟବହାର କରାଯାଉଛି। ୮ ଗାମ୍ଲା ବାଲିରେ ୬ ଗାମ୍ଲା ମେଟାଲ ଏବଂ ୧ ଗାମ୍ଲା ଲୋକ୍‌ଲିଟିର ସିମେଣ୍ଟ ମିଶ୍ରିତ କରାଯାଉଛି। ଏହି ନିମ୍ନମାନର କାମକୁ ବିଭାଗୀୟ କର୍ତ୍ତୃପକ୍ଷ ତଦନ୍ତ କରିବାକୁ ଗ୍ରାମବାସୀ କରିଛନ୍ତି। ଏନେଇ ସଂପୃକ୍ତ ଯନ୍ତ୍ରୀ ବସନ୍ତ ବେହେରାଙ୍କ ସହିତ ଯୋଗାଯୋଗ କରିବାରୁ କାମ ଠିକ ଠାକ ଚାଲିଥିବା ଏବଂ ଲୋକାଲରେ ଯେଉଁ ମେଟାଲ,ସିମେଣ୍ଟ ମିଳୁଛି ସେଥିରେ କାମ ହେଉଥିବା କହିଥିଲେ।

# ପଞ୍ଚାୟତସ୍ତରୀୟ ଜନ ପ୍ରତିନିଧି ସଚେତନ ହେଲେ ୱାର୍ଡର ବିକାଶ ହେବ

**ତିନିଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ**

ମାଲକାନଗିରି,୨୭।୧ (ଡି.ଏନ୍.ଏ.)

ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପଞ୍ଚାୟତିରାଜ ପାନୀୟ ଜଳ ବିଭାଗ, ରାଜ୍ୟ ପଞ୍ଚାୟତିରାଜ ପ୍ରତିଷ୍ଠାନ ଓ ମାଲକାନଗିରି ଜିଲାପରିଷଦ ତତ୍ତ୍ୱାବଧାନରେ ସ୍ୱେଚ୍ଛାସେବୀ ସଙ୍ଗଠନ ଶହୀଦ ଲକ୍ଷ୍ମଣ ନାୟକ ଉନ୍ନୟନ ସଂସ୍ଥା ପକ୍ଷରୁ କାଳିମେଳା ବ୍ଲକ ଚିତ୍ରାଙ୍ଗପାଲ୍ଲୀ, ବଦଲି, ମାଦାପାଲ୍ଲି, କାଙ୍ଗୁରୁକୋଣ୍ଡା ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟାସଭ୍ୟଙ୍କୁ ନେଇ ଦକ୍ଷତା ବିକାଶ ଲାଗି ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମିତ ସଭାପତି ଭାସ୍କର ବେହେରାଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ଜୀବିକା ମିଶନର ଜିଲା ପରିଚାଳକ ପରିତ୍ର ମୋହନ ବାରା, ଇକୋ କ୍ଲବ ମାଷ୍ଟର ଟ୍ରେନର ଦୁର୍ଯ୍ୟୋଧନ ପାତ୍ର, ତାଲିମଦାତା ସପନ ସିଂ, ସୁଜାତା ବିଶ୍ୱାସ ଅତିଥି ରୂପେ ଯୋଗ ଦେଇ ପଞ୍ଚାୟତିରାଜ ବ୍ୟବସ୍ଥାରେ ସରକାରଙ୍କ ରହିଥିବା ବିଭିନ୍ନ ଯୋଜନା ଉପରେ ଆଲୋଚନା କରିଥିଲେ। ଏ ଦିଗରେ ଜନ ପ୍ରତିନିଧିମାନେ ସଚେତନ ରହିଲେ ସେମାନଙ୍କ ୱାର୍ଡରେ ବିକାଶ ହେବ ବୋଲି ମତ ଦେଇଥିଲେ। ଏହି କାର୍ଯ୍ୟକ୍ରମ ତିନିଦିନ ଧରି ଚାଲିବ। କାଳିମେଳା ବ୍ଲକର ସମସ୍ତ ୱାର୍ଡ ସଭ୍ୟାସଭ୍ୟଙ୍କୁ ପର୍ଯ୍ୟାୟକ୍ରମେ ତାଲିମ ପ୍ରଦାନ କରାଯିବ। ପ୍ରୋଗ୍ରାମ ମ୍ୟାନେଜର ଦିବାକର ସେଠୀ, ପ୍ରଶାନ୍ତ ରାୟ ପରିଚାଳନା କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# କେନ୍ଦ୍ର, ରାଜ୍ୟ ସରକାରଙ୍କ ଉପରେ ବର୍ଷିଲେ କଂଗ୍ରେସ ନେତା

**ଜୟପୁର, ଲକ୍ଷ୍ମୀପୁରରେ କଂଗ୍ରେସର ପଦଯାତ୍ରା**

ଜୟପୁର/ଲକ୍ଷ୍ମୀପୁର,୨୭।୧ (ନି.ପ୍ର./ସ୍ୱ.ପ୍ର.)

ଜୟପୁର ନିର୍ବାଚନ ମଣ୍ଡଳୀରେ ଶୁକ୍ରବାର କଂଗ୍ରେସ ଭାରତ ଜୋଡ ପଦଯାତ୍ରା କାର୍ଯ୍ୟକ୍ରମ କରି ନିଜର ଶକ୍ତି ପ୍ରଦର୍ଶନ କରିଛି। ବୋରିଗୁମ୍ମା, ଲକ୍ଷ୍ମୀପୁର ଏବଂ ଜୟପୁରଠାରେ ବହୁ ସଂଖ୍ୟାରେ କଂଗ୍ରେସ କର୍ମୀମାନେ ପଦଯାତ୍ରା ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। ଜିଲା ସଭାନେତ୍ରୀ ମିନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପିସିସି ସଭାପତି ଶରତ ପଟ୍ଟନାୟକ ,କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା, ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଯୋଗ ଦେଇ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ପ୍ରଥମେ ବୋରିଗୁମ୍ମାର ମିଲ ସାହି ଠାରୁ ଏକ ଶୋଭାଯାତ୍ରା ବାହାରି ଥାନା ଛକ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଏକ ସଭା ହୋଇଥିଲା। ଜୟପୁର ସହରର ଖ୍ରିଷ୍ଟିୟାନ ପେଟାଠାରୁ ଏକ ଶୋଭାଯାତ୍ରା ବାହାରି ସହରର ମୁଖ୍ୟ ରାସ୍ତା ଦେଇ ରାଜା ନହରଠାରେ ପହଞ୍ଚିଥିଲା। ଏଠାରେ ମଧ ଏକ ସଭାରେ ଅତିଥିମାନେ ଉଦବୋଧନ ଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମାଲୋଚନା କରିଥିଲେ। ରାଜ୍ୟରେ ଦୀର୍ଘ ୨୨ବର୍ଷର ବିଜେଡି ଶାସନରେ ଦୁର୍ନୀତି, ଭ୍ରଷ୍ଟାଚାର ବଢିଛି। ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହେବା ସହ ରାଜ୍ୟରେ ଶିକ୍ଷା ଓ ସ୍ୱାସ୍ଥ୍ୟସେବାରେ ଅନେକ ସମସ୍ୟା ରହିଛି ବୋଲି ଅତିଥିମାନେ ଆରୋପ ଲଗାଇଥିଲେ। ୨୦୨୪ରେ ଲୋକେ କଂଗ୍ରେସକୁ ଭରସା କରୁଛନ୍ତି। କଂଗ୍ରେସ ମଧ ୯ରୁ୧୦ ଆସନ ହାସଲ ପାଇଁ ଭାରତ ଜୋଡ ପଦଯାତ୍ରା କରୁଛି ବୋଲି ପିସିସି ସଭାପତି ପଟ୍ଟନାୟକ କହିଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ପୂର୍ବତନ ବିଧାୟକ ରାମ କଡାମ, ବରିଷ୍ଠ କଂଗ୍ରେସ ନେତା ବିନୋଦ ମହାପାତ୍ରଙ୍କ ସହ ଅନ୍ୟମାନେ ସାମିଲ ହୋଇଥିଲେ।

ସେହିପରି ଲକ୍ଷ୍ମୀପୁର ବ୍ଲକର ଲକ୍ଷ୍ମୀପୁରଠାରେ କଂଗ୍ରେସ ପକ୍ଷରୁ ଭାରତ ଯୋଡ଼ ପଦ୍‌ଯାତ୍ରା ଅନୁଷ୍ଠିତ ହୋଇଛି। ଜିଲା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ଲକ୍ଷ୍ମୀପୁର କଲେଜଠାରୁ ପଦଯାତ୍ରା ବାହାରି ବସ ଷ୍ଟାଣ୍ଡଠାରେ ପହଞ୍ଚିଥିଲା। ସେଠାରେ ଅନୁଷ୍ଠିତ ସଭାରେ ବେକାରୀ ସମସ୍ୟା,ଦରବୃଦ୍ଧି, ଉପରେ ଅତିଥିମାନେ ସରକାରଙ୍କୁ ସମାଲୋଚନା କରିଥିଲେ। ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ୪ଟି ବ୍ଲକ ଲକ୍ଷ୍ମୀପୁର, ଦଶମନ୍ତପୁର, ନାରାୟଣପାଟଣା, ବନ୍ଧୁଗାଁ ବ୍ଲକର କଂଗ୍ରେସ କର୍ମୀ ଯୋଗ ଦେଇଥିଲେ। ଏଥିରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ, କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲକା, ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ଜିଲା ଏବଂ ଉପରୋକ୍ତ ୪ଟି ବ୍ଲକର ସଭାପତି, ଜିଲା ପରିଷଦ ସଭ୍ୟ, ପଞ୍ଚାୟତ ସଭାପତିଙ୍କ ସମେତ ବହୁ କର୍ମୀ ସାମିଲ ହୋଇଥିଲେ।



କଂଗ୍ରେସର ପଦଯାତ୍ରାରେ ସାମିଲ ହୋଇଥିବା ନେତା, କର୍ମୀ ସହର ପରିକ୍ରମା କରୁଛନ୍ତି।

## ସଂକ୍ଷେପରେ

### ହିମାଂଶୁ କୋରାପୁଟ ଜୋନ୍ ଛାତ୍ର ବିଜେଡି ଉପସଭାପତି



ଉମରକୋଟ, ୨୭।୧(ସ୍ୱ.ପ୍ର.)- ନବରଙ୍ଗପୁର ଜିଲା ବିଜୁ ଛାତ୍ର ଜନତା ଦଳର ଉପ ସଭାପତି ହିମାଂଶୁ ଜେନା କୋରାପୁଟ ଜୋନ ବିଜୁ ଛାତ୍ର ଜନତା ଦଳର ଉପସଭାପତି ଭାବେ ପାଇଁ ମନୋନୀତ ହୋଇଛନ୍ତି। ଦଳ ଆସ୍ଥା ପ୍ରକଟ କରି ଜୋନ୍ସ୍ତରରେ ଛାତ୍ର ଜନତା ଦଳର ଉପସଭାପତି ଭଳି ଗୁରୁ ଦାୟିତ୍ୱ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଜିଲା ବିଜେଡ଼ି ସଭାପତି ରମେଶ ଚନ୍ଦ୍ର ମାଝି ଓ ଜିଲା ଛାତ୍ର ବିଜେଡ଼ି ସଭାପତି ସୁଧାଂଶୁ ଦାସଙ୍କୁ କୃତଜ୍ଞତା ଜ୍ଞାପନ ଜଣାଉଛି ବୋଲି ସେ କହିଛନ୍ତି। ଉମରକୋଟ ଅଞ୍ଚଳର ଅଧିକରୁ ଅଧିକ ଯୁବକଙ୍କୁ ଏକଜୁଟ କରି ଦଳରେ ସାମିଲ କରାଇବା ଏବଂ ଦଳକୁ ତୃଣମୂଳସ୍ତରରୁ ଆହୁରି ଅଧିକ ମଜଭୁତ କରାଇବା ଦିଗରେ ଗୁରୁତ୍ୱ ଦେବି ବୋଲି ସେ କହିଛନ୍ତି। ଏଥିପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

### ଟ୍ରାକ୍ଟର ଓଲଟି ଡ୍ରାଇଭର ମୃତ

ଚନ୍ଦାହାଣ୍ଡି, ୨୭।୧(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଥାନା ଅଧୀନ ମୋତିଗାଁ ଗ୍ରାମର ଭଣ୍ଡାରନଦୀ ପୋଲ ନିର୍ମାଣାଧୀନ ରାସ୍ତା ତଳକୁ ଭାରସାମ୍ୟ ହରାଇ ଏକ ଟ୍ରାକ୍ଟର ଓଲଟି ପଡିବାରୁ ଘଟଣାସ୍ଥଳରେ ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବେହେରାମୁଣ୍ଡା ପଞ୍ଚାୟତ ଅଧୀନ ବେଲମାଝୀଗୁଡ଼ାର ରୂପସିଂ ପୂଜାରୀଙ୍କ ପୁଅ ତେଜରାଜ ପୂଜାରୀ (୨୨)। ତେଜରାଜ ଏକ ଟ୍ରାକ୍ଟର (ସିଜି-୦୪ଏମ୍ଏନ-୨୩୭୩)ରେ ଯାଉଥିବାବେଳେ ତାହା ରାସ୍ତା ତଳକୁ ଖସି ଯାଇଥିଲା। ହେଲ୍ପର କାଳିଆ ଗାଡିରୁ ଡେଇଁ ଅଳ୍ପକେ ବର୍ତ୍ତି ଯାଇଥିଲେ। କିନ୍ତୁ ତେଜରାଜଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ଅଗ୍ନିଶମ ଅଧିକାରୀ ବୁଡୁ ଶବରଙ୍କ ନେତୃତ୍ୱରେ କର୍ମଚାରୀମାନେ ଉଦ୍ଧାର କାର୍ଯ୍ୟ ଜାରି କରିଥିଲେ। ଚନ୍ଦାହାଣ୍ଡି ଥାନାଧିକାରୀ ଉମେଶ ଚନ୍ଦ୍ର ନାୟକଙ୍କ ନିର୍ଦ୍ଦେଶ କ୍ରମେ ଏସ୍ଆଇ ଖଗେଶ୍ୱର ଖୋସଲା, ଏଏସ୍ଆଇ ବସନ୍ତ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ମୃତକଙ୍କ ପରିବାର କ୍ଷତିପୂରଣ ଦାବି କରିଛନ୍ତି।

# ‘ଜିଲାର ବିକାଶ ଦିଗରେ ଜନସାଧାରଣଙ୍କ ସହଯୋଗ ଆବଶ୍ୟକ’

ରାୟଗଡ଼ା ଅଫିସ/ ରାୟଗଡ଼ା(ସ୍ୱ.ପ୍ର.),୨୬।୧

ରାୟଗଡ଼ା ଜିସିଡି ପଡ଼ିଆ ଠାରେ ୭୪ ତମ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଜିଲାପାଳ ସ୍ୱଧା ଦେବ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ନିଜ ଅଭିଭାଷଣରେ ଜିଲାର ବିକାଶକୁ ଗୁରୁତ୍ୱ ଦେଇ କହିଥିଲେ, ସହରରେ ସରକାରୀ ଜମି ଅଭାବ ଯୋଗୁ ବିକାଶମୂଳକ କାମ ହୋଇପାରୁ ନ ଥିଲା। ଜୟପୁର ସୁଗାର କମ୍ପାନୀ ସହ ଦୀର୍ଘ ବର୍ଷର ଆଇନଗତ ଲଢ଼େଇ ପରେ ୫୬୦ ଏକର ଜମି ଫେରିଛି। ଏହା ଜିଲା ପାଇଁ ବଡ଼ ସଫଳତା। ଏହି ଜମିରେ ଅଟକିଥିବା ଅନେକ ପ୍ରକଳ୍ପ କାର୍ଯ୍ୟକାରୀ ହୋଇପାରିବ। ରାୟଗଡ଼ା ଜିଲାକୁ ଏକ ନୂଆ ଦିଶା ମିଳିବ ବୋଲି ବୋଲି ସେ କହିଛନ୍ତି। ଜିଲାରେ ୧୬୩ ବିଦ୍ୟାଳୟ ୫-ଟିରେ ରୂପାନ୍ତରଣ ଏବଂ ପ୍ରତ୍ୟେକ ବ୍ଲକରେ ଆଦର୍ଶ ବିଦ୍ୟାଳୟ ସ୍ଥାପନ ଦ୍ୱାରା ଶିକ୍ଷା କ୍ଷେତ୍ରରେ ମଧ୍ୟ ପ୍ରଗତି ଘଟିଛି ବୋଲି ସେ କହିଛନ୍ତି। ଅନ୍ୱେଷା ଯୋଜନାରେ ଗରିବ ପିଲାମାନେ ଇଂଲିଶ ମିଡିୟମରେ ମାଗଣା ଶିକ୍ଷା ଗ୍ରହଣ କରୁଛନ୍ତି। ମଧୁବାବୁ ଆଇନ ସହାୟତା ଯୋଜନାରେ ଗରିବ ଲୋକେ ଉପକୃତ ହେଉଛନ୍ତି। ସେହିଭଳି ରେଲ୍ୱେ ପକ୍ଷରୁ ମାଁ ମଝିଘରିଆଣୀ



**ରାୟଗଡ଼ା ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ**

ମନ୍ଦିର ପାଇଁ ୬.୩୦ ଏକର ଜମି ମିଳିଛି। ଜମି କମ୍ପ୍ୟୁଟରୀକରଣ କ୍ଷେତ୍ରରେ ଜିଲାକୁ ଉଲ୍ଲେଖନୀୟ ସଫଳତା ମିଳିଛି। ଶ୍ରେଷ୍ଠରୁ ଶ୍ରେଷ୍ଠତମ ଜିଲା ଗଠନ ସମସ୍ତଙ୍କ ଦାୟିତ୍ୱ ଏବଂ ଏଥିରେ ଜନସାଧାରଣଙ୍କ ସହଯୋଗ ନିତାନ୍ତ ଆବଶ୍ୟକ ବୋଲି ଜିଲାପାଳ କହିଛନ୍ତି। ସାଧାରଣତନ୍ତ୍ର ଦିବସ ପ୍ୟାରେଡ କାର୍ଯ୍ୟକ୍ରମରେ ୨୫ଦଳ ଅଂଶଗ୍ରହଣ କରିଥିବାବେଳେ ୬ ସାଂସ୍କୃତିକ ଦଳ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଏସ୍ପି ବିବେକାନନ୍ଦ ଶର୍ମା, ଅତିରିକ୍ତ ଏସ୍ପି ରାଜ ପ୍ରସାଦ, ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା, ଉପଜିଲାପାଳ ଭୀମସେନ ଶବର, ଜିଲା ପରିଷଦ ନିର୍ବାହୀ ଅଧିକାରୀ ରବିନାରାୟଣ ତ୍ରିପାଠୀ, ଜିଲା ମଙ୍ଗଳ ଅଧିକାରୀ ଅଶୋକ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ପ୍ରଶାସନ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଡିଆଇପିଆର୍ଓ ବସନ୍ତ କୁମାର ପ୍ରଧାନ ପରିଚାଳନା କରିଥିବାବେଳେ ବିଭାଗୀୟ ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

### ତ୍ରିରଙ୍ଗାକୁ ଅସମ୍ମାନ

ଟିକିରି,୨୭।୧(ଡି.ଏନ୍.ଏ.)

କାଶୀପୁର ବ୍ଲକ ସଦର ସ୍ଥିତ କୃଷି ସୂଚନା ଓ ପରାମର୍ଶ କାର୍ଯ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳନବେଳେ ତ୍ରିରଙ୍ଗା ପତାକାକୁ ଅସମ୍ମାନ ପ୍ରଦର୍ଶନ କରାଯାଇଛି।। ପତାକା ଉତ୍ତୋଳନ ପରେ ସମସ୍ତ କର୍ମଚାରୀ ଗେଟ୍ରେ ତାଲା ଦେଇ ଘରକୁ ଚାଲିଯାଇଥିବାବେଳେ କିଛି ସମୟ ପରେ ଜାତୀୟ ପତାକା ତଳକୁ ଖସି ଝୁଲୁଥିବା ଦେଖାଯାଇଥିଲା। ଏହାର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ପରେ ସନ୍ଧ୍ୟାରେ ତ୍ରିରଙ୍ଗା ପତାକାକୁ ଅବତରଣ କରାଯାଇଥିଲା। ଦାୟିତ୍ୱହୀନତାର ସହ ତ୍ରିରଙ୍ଗା ପତାକାକୁ ବନ୍ଧାଯାଇଥିବାରୁ ଏଭଳି ପରିସ୍ଥିତି ଉପୁଜିଥିବା ମତପ୍ରକାଶ ପାଇଛି। ତେବେ ଏହା ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବା ଜଣାପଡ଼ିଛି। ଏ ନେଇ ଗୋଷ୍ଠୀ କୃଷି ଅଧିକାରୀ ବଣ୍ଟୁ ହାଲଦାରଙ୍କୁ ଫୋନ୍ରେ ଯୋଗାଯୋଗ କରାଯାଇଥିବାବେଳେ ସେ ସାଧାରଣତନ୍ତ୍ର ଦିବସ ପାଳନ ବେଳେ ଅନୁପସ୍ଥିତ ଥିବା ପ୍ରକାଶ କରିଥିଲେ।

### ଆବାସ ଯୋଜନାରେ ଦୁର୍ନୀତି ପ୍ରତିବାଦରେ ଦାବିପତ୍ର

ଟିକିରି,୨୭।୧(ଡି.ଏନ୍.ଏ.)

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତିର ପ୍ରତିବାଦ କରି କାଶୀପୁର ଭାଜପା ପକ୍ଷରୁ ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅଯୋଗ୍ୟ ଲୋକଙ୍କୁ ଯୋଜନାରେ ଘର ଦିଆଯାଇଥିବାବେଳେ ଯୋଗ୍ୟ ହିତାଧିକାରୀ ବାଦ୍ ପଡ଼ିଛନ୍ତି। ଆଗାମି ୭ ଦିନ ମଧ୍ୟରେ ଏ ଦିଗରେ ପଦକ୍ଷେପ ନ ନେଲେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ ସହ ଗଣଧାରଣା ଦିଆଯିବ ବୋଲି ଚେତାବନି ଦିଆଯାଇଛି।

### ଶିକ୍ଷକ ନୀଳାଞ୍ଚଳ ମିଶ୍ର ରାଜ୍ୟପାଳଙ୍କ ଦ୍ୱାରା ପୁରସ୍କୃତ



ରାୟଗଡ଼ା ଅଫିସ/ ରାୟଗଡ଼ା (ସ୍ୱ.ପ୍ର.),୨୭।୧

ବରିଷ୍ଠ ଶିକ୍ଷକ ନିଳାଞ୍ଚଳ ମିଶ୍ର ବୁଧବାର ରାଜ୍ୟପାଳ ପ୍ରଫେସର ଗଣେଶୀଲାଲଙ୍କ ଦ୍ୱାରା ସମ୍ମାନିତ ହୋଇଛନ୍ତି। ଭୁବନେଶ୍ୱର ସ୍ଥିତ ରବୀନ୍ଦ୍ର ମଣ୍ଡପ ଠାରେ ଜାତୀୟ ମତଦାତା ଦିବସ ଅବସରରେ ଆୟୋଜିତ ରାଜ୍ୟ ସ୍ତରୀୟ ଉତ୍ସବରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ରାୟଗଡ଼ା ଜିଲାରେ ନୂତନ ଓ ପ୍ରତ୍ୟାଶିତ ଭୋଟର ପଞ୍ଜୀକରଣ, ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ଓ ବ୍ୟାପକ ଜନସଚେତନତା ସୃଷ୍ଟି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଜାତୀୟ ନିର୍ବାଚନ ଆୟୋଗଙ୍କ ମାପସୂଚୀ ଅନୁଯାୟୀ ରାଜ୍ୟର ଅନ୍ୟୁନ ୭୫ ଜଣ ପ୍ରସ୍ତାବିତ ମନୋନୟନ ମଧ୍ୟରୁ ରାଜ୍ୟରେ ଜଣେ ମାତ୍ର ସୁପରଭାଇଜର ଏହି ସମ୍ମାନର ଯୋଗ୍ୟ ହୋଇଥିବାରୁ ନିଜକୁ ଧନ୍ୟ ମନେକରିବା ସହ ଜିଲାର ସମସ୍ତ ବୁଥ ସ୍ତରୀୟ ଅଧିକାରୀ, ନିର୍ବାଚକ ଓ ଉପନିର୍ବାଚକ ତଥା ଭୋଟର ପ୍ରକ୍ରିୟାରେ ସାମିଲ ସମସ୍ତ ଅଧିକାରୀ ଏହାର ଭାଗିଦାରୀ ବୋଲି ନିଳାଞ୍ଚଳ ମିଶ୍ର କହିଛନ୍ତି। ନିଳାଞ୍ଚଳ ଜଣେ ଉତ୍ତମ ଶିକ୍ଷକ ସହ ଜିଲା ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ଭାବେ ସମସ୍ତ ବର୍ଗର ଶିକ୍ଷକଙ୍କୁ ଏକଜୁଟ କରି ବାନ୍ଧି ରଖିଛନ୍ତି। ନିର୍ବାଚନ ସମେତ ସରକାରୀ ଯୋଜନା ଏବଂ ସାମାଜିକ କାର୍ଯ୍ୟକ୍ରମ ଗୁଡ଼ିକରେ ଜିଲା ପ୍ରଶାସନକୁ ସହଯୋଗ କରିବା ସହ ସମାଜ ସେବା କ୍ଷେତ୍ରରେ ସର୍ବଦା ବ୍ରତୀ ରହିଆନ୍ତି। ରାଜ୍ୟପାଳଙ୍କ ଦ୍ୱାରା ସମ୍ମାନିତ ହୋଇଥିବାରୁ ତାଙ୍କୁ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀ, ଛାତ୍ର, ବୁଥ ସ୍ତରୀୟ ତଥା ନିର୍ବଚେନ ସମ୍ପର୍କିତ ଅଧିକାରୀଙ୍କ ଓ ରାୟଗଡ଼ା ଜନସାଧାରଣଙ୍କ ଠାରୁ ଶୁଭେଚ୍ଛାର ସୁଅ ଛୁଟିଛି।

## କବାଡ଼ିଖାନାରେ ତରଳାଇଦେଲେ ୩୫ ଲକ୍ଷ ଟଙ୍କାର ଜଳ ପ୍ରକଳ୍ପ ପାଇପ୍, ୫ ଗିରଫ

ବିଷମକଟକ,୨୭।୧(ଡି.ଏନ୍.ଏ.)

ରାୟଗଡ଼ା ଜିଲା ବିଷମକଟକ ବ୍ଲକରୁ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାମ ପାଇଁ ରଖାଯାଇଥିବା ୩୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ପାଇପ୍ ଚୋରି ଘଟଣାରେ ପୋଲିସ ୫ ଅଭିଯୁକ୍ତଙ୍କୁ ଗିରଫ କରିଛି। ମୁଖ୍ୟ ଅଭିଯୁକ୍ତଙ୍କୁ ଆନ୍ଧ୍ର ପ୍ରଦେଶରୁ ଗିରଫ କରାଯାଇଛି। ସେମାନେ ହେଲେ ଆନ୍ଧ୍ର ପ୍ରଦେଶର ମୁଖ୍ୟ ଅଭିଯୁକ୍ତ ପ୍ରବୀଣ ବାରନାସୀ, ତାଙ୍କ ସହଯୋଗୀ ରାଜେଶ ବାରନାସୀ, ବିଷମକଟକ ଥାନା ଅଞ୍ଚଳର ରଞ୍ଜନ କୁମାର ପେରିସିକା, ଜଗବନ୍ଧୁ ଜେନା ଏବଂ ଟ୍ରକ୍ ଡ୍ରାଇଭର ଦୁର୍ଯ୍ୟ କୁଶୁଲ୍ୟା। ତେବେ ଚୋରି ପାଇପ୍ ଗୁଡ଼ିକୁ ଆନ୍ଧ୍ରର କବାଡ଼ିଖାନାରେ ତରଳାଇ ଦିଆଯାଇଥିବା ଜଣାପଡ଼ିଛି।

ଦୀର୍ଘ ଦିନ ହେଲା ବ୍ଲକରେ ମେଗା ପାନୀୟ ଜଳ ପ୍ରକଳ୍ପ କାମ ଚାଲିଛି। କୁମ୍ଭାରଡାମୁଣି ପଞ୍ଚାୟତରେ ପ୍ରକଳ୍ପ ଜରିଆର ବିଛାଇବା ପାଇଁ ରଖାଯାଇଥିବା ୩୦୦ରୁ ଉର୍ଦ୍ଧ୍ୱ ପାଇପ(୩୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା) ଚୋରି ହୋଇଥିବା ୨୦୨୨ ଡିସେମ୍ବର ୨୪ରେ ବିଷମକଟକ ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ତଦନ୍ତ ପରେ ପୋଲିସ ଆନ୍ଧ୍ର ପ୍ରଦେଶ ଯାଇ ଚଢ଼ାଉ କରିଥିଲା। ୩୦୦ରୁ ଉର୍ଦ୍ଧ୍ୱ ପାଇପ୍ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା।



ଗିରଫ ଅଭିଯୁକ୍ତ ଏବଂ ପୋଲିସ ଅଧିକାରୀ।

- ବିଷମକଟକରୁ ୩୦୦ରୁ ଉର୍ଦ୍ଧ୍ୱ ପାଇପ୍ ଚୋରି
- ଆନ୍ଧ୍ରରୁ ଧରାପଡ଼ିଲେ ମୁଖ୍ୟ ଅଭିଯୁକ୍ତ

ପୋଲିସ ତଦନ୍ତ ବେଳେ ସ୍ଥାନୀୟ ଯୁବକ ରଞ୍ଜନ କୁମାର ପେରିସିକାଙ୍କୁ ସନ୍ଦେହରେ ଅଟକ ରଖି ପଚରାଉଚରା କରିଥିଲା। ଚୋରି ଘଟଣାରେ ସମ୍ପୃକ୍ତ ଥିବା ଜଗବନ୍ଧୁ ଜେନାଙ୍କ ବିଷୟରେ ପୋଲିସ ରଞ୍ଜନଙ୍କ ଠାରୁ ସୂଚନା ପାଇଥିଲା। ଜଗବନ୍ଧୁଙ୍କୁ ଦୁଇଦିନ ଜେରା କରିବା ପରେ ସେ ସମସ୍ତ ବିଷୟ ପୋଲିସ ନିକଟରେ ପ୍ରକାଶ କରିଥିଲେ। ଦୁର୍ବୃତ୍ତମାନେ ଅନ୍ୟ ଅଞ୍ଚଳରୁ ଶ୍ରମିକଙ୍କ ସହାୟତାରେ ପାଇପ୍ ଚୋରିକରି ଆନ୍ଧ୍ରକୁ ପଠାଇ ଦେଉଥିଲେ। ଚତୁରତାର ସହ ବିଭିନ୍ନ ଗ୍ରାମ ଛକରେ ପାଇପ୍ ଗୁଡ଼ିକୁ ରଖି ଧୀରେ ଧୀରେ ଶ୍ରୀକାକୁଲମର ଶ୍ରୀ ଗଣେଶ ଟ୍ରେଡର୍ସ(କବାଡ଼ିଖାନା)କୁ ପଠାଇଥିବା ଜଣାପଡ଼ିଥିଲା। ବିଷମକଟକ ଏସ୍ଡିପିଓ ଆକାଶ କୁମାର ସାହୁଙ୍କ ନିର୍ଦ୍ଦେଶରେ ଏସ୍ଆଇ ପ୍ରସନ୍ନ କୁମାର ନାୟକ, କନେଷ୍ଟବଲ କିଶୋର କୁମାର ପତି, ରାମ ନିମଲା, ସରୋଜ କୁମାର ଦଳେଇଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଜଗବନ୍ଧୁଙ୍କୁ ସାଙ୍ଗରେ ନେଇ ଶ୍ରୀକାକୁଲମ ସ୍ଥିତ ଏକ ଗୋଦାମ ଉପରେ ଚଢ଼ାଉ କରାଯାଇଥିଲା। ଆନ୍ଧ୍ର ପୋଲିସ ସହାୟତାରେ ମୁଖ୍ୟ ଅଭିଯୁକ୍ତ ପ୍ରବୀଣ ବାରନାସୀ ଏବଂ ତାଙ୍କ ସହଯୋଗୀ ରାଜେଶ ବାରନାସୀଙ୍କୁ ଗିରଫ କରି ବିଷମକଟକ ଥାନାକୁ ଅଣାଯାଇଥିଲା। ପ୍ରବୀଣ ଏବଂ ରାଜେଶଙ୍କ ନିକଟରୁ ଚୋରିରେ ବ୍ୟବହୃତ ଟ୍ରକ୍(ଓଡି ୦୨ ବିଏକ୍ସ ୭୯୩୭)ଜବତ କରାଯାଇଛି। ସେହିପରି ଟ୍ରକ୍ ଡ୍ରାଇଭର ଦୁର୍ଯ୍ୟ କୁଶୁଲ୍ୟାଙ୍କୁ ମଧ୍ୟ ଗିରଫ କରାଯାଇଛି। ଏ ନେଇ ବିଷମକଟକ ଏସ୍ଡିପିଓ ସାହୁ ଖବରଦାତା ସମ୍ମିଳନିରେ ସୂଚନା ଦେଇଛନ୍ତି। ଥାନା ଅଧିକାରୀ ସୁମତୀ ମହାନ୍ତି, ଏସ୍ଆଇ ପ୍ରସନ୍ନ କୁମାର ନାୟକ ଉପସ୍ଥିତ ଥିଲେ।

## ଉପଖଣ୍ଡସ୍ତରୀୟ ଗଣତନ୍ତ୍ର ଦିବସରେ ଖବରଦାତାଙ୍କୁ ଅଣଦେଖା ଅଭିଯୋଗ

ଉମରକୋଟ/ କୋଷାଗୁମୁଡ଼ା, ୨୭।୧ (ସ୍ୱ.ପ୍ର. /ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଉମରକୋଟରେ ୭୪ତମ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ଡିଏନ୍କେ ମିନି ଷ୍ଟାଡିୟମରେ ପାଳିତ ହୋଇଛି। ଅଣଦେଖା କରାଯାଇଥିବା ଅଭିଯୋଗ କରି ଖବରଦାତାମାନେ କାର୍ଯ୍ୟକ୍ରମ ବର୍ଜନ କରିଥିଲେ।

ନବରଙ୍ଗପୁର ଉପଜିଲାପାଳ ପ୍ରଶାନ୍ତ ରାଉତ ଜାତୀୟ ପତାକା ଉତ୍ତୋଳନ କରିବା ସହ ପରେଡ଼ ଅଭିବାଦନ ଗ୍ରହଣ କରିଥିଲେ। ନବରଙ୍ଗପୁର ଜିଲା ବହୁ ସ୍ୱାଧୀନତା ସଂଗ୍ରାମୀଙ୍କୁ ଜନ୍ମ ଦେଇଛି। ଯାହାକୁ ନେଇ ଏ ମାଟି ଧନ୍ୟ ବୋଲି ସେ ନିଜ ଅଭିଭାଷଣରେ କହିଛନ୍ତି। କାର୍ଯ୍ୟକ୍ରମରେ ତହସିଲଦାର ଏନ୍. ଜଗତଜୀବନ ଚୌଧୁରୀ, ଉମରକୋଟ ବିଡିଓ ହିମାଞ୍ଚଳ ମାଝି, ବନାଞ୍ଚଳ ଅଧିକାରୀ ଅସିତ୍ ସାହୁ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଶୁବେନ୍ଦୁ ଶବର, ଜେଲର ଖଗେଶ୍ୱର ସିଂ, ବ୍ଲକ ଅଧ୍ୟକ୍ଷା, ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ରଷି ମାଝି, ପୌରାଧ୍ୟକ୍ଷା ରାଧା ଭତ୍ରା ଓ ଉପାଧ୍ୟକ୍ଷ ସୁଧାଂଶୁ ଦାସ ଏବଂ ଅତିରିକ୍ତ ତହସିଲଦାର ଉମେଶ ପୂଜାରୀ ଉପସ୍ଥିତ ଥିଲେ। ଚନ୍ଦନା ମଲ୍ଲିକ ମଞ୍ଚ ପରିଚାଳନା କରିଥିଲେ। ପ୍ରଶାସନ ଖବରଦାତାଙ୍କୁ ଅଣଦେଖା କରିବା ସହ ସେମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଗ୍ୟାଲେରୀ ବା ପ୍ରେସ ବ୍ୟାଚ ତିଆରି କରି ନ ଥିବା ଅଭିଯୋଗ ହୋଇଛି। ପ୍ରସ୍ତୁତ କରାଯାଇଥିବ ଭିଆଇପି ବ୍ୟାଚ କିନ୍ତୁ କେତେଜଣ ମୁହଁ ଦେଖା ଖବରଦାତାଙ୍କୁ ଦିଆଯାଇଥିବା ଅଭିଯୋଗ ଆସିଥିଲା। ଏହାକୁ ନେଇ ଖବରଦାତାମାନେ କାର୍ଯ୍ୟକ୍ରମ ବର୍ଜନ କରିଥିଲେ।

ସେହିଭଳି କୋଷାଗୁମୁଡା ବ୍ଲକ ଶହୀଦ ଲକ୍ଷ୍ମଣ ନାୟକ ମିନି ଷ୍ଟାଡିୟମରେ ଆୟୋଜିତ ବ୍ଲକସ୍ତରୀୟ ଗଣତନ୍ତ୍ର ଦିବସ କାର୍ଯ୍ୟକ୍ରମରେ ମଧ୍ୟ ଅବ୍ୟବସ୍ଥା ଅଭିଯୋଗ ହୋଇଛି। ପରେଡ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କ ପାଇଁ କୌଣସି ବ୍ୟବସ୍ଥା କରାଯାଇ ନ ଥିଲା। ପିଲାମାନେ ଦୀର୍ଘ ସମୟ ଧରି ଖରାରେ ଛିଡା ହୋଇଥିଲେ। ସେମାନଙ୍କ ପାଇଁ ପାଣିର ମଧ୍ୟ ବ୍ୟବସ୍ଥା କରାଯାଇ ନ ଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି।

## ଜିଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ଦଳମତ ନିର୍ବିଶେଷରେ ସହଯୋଗ ଜରୁରୀ

ନବରଙ୍ଗପୁର,୨୭।୧(ବି.ପ୍ର.)

ନବରଙ୍ଗପୁରରେ ଜିଲାସ୍ତରୀୟ ୭୪ତମ ସାଧାରଣତନ୍ତ୍ର ଦିବସ ଗୁରୁବାର ପାଳିତ ହୋଇଯାଇଛି। ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରାତଃ ସମୟରେ ସହରରେ ଡାକବାଜି ଯନ୍ତ୍ର ଯୋଗେ ରାମଧୂନ ବଜାଯାଇଥିଲା। ପରେ ପ୍ରଭାତ ଫେରି ଏବଂ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ ଷ୍ଟାଡିୟମରେ ଅନୁଷ୍ଠିତ ଜିଲାସ୍ତରୀୟ ମିଳିତ ପରେଡ୍ରେ ମୁଖ୍ୟ ଅତିଥିଭାବେ ଜିଲାପାଳ ଡ. କମଳଲୋଚନ ମିଶ୍ର ଯୋଗଦେଇ ଆନୁଷ୍ଠାନିକଭାବେ ଜାତୀୟ ପତାକା ଉତ୍ତୋଳନ କରି ପରେଡ୍ ଅଭିବାଦନ ଗ୍ରହଣ କରିଥିଲେ। ଭାରତର ସ୍ୱାଧୀନତା ପ୍ରାପ୍ତି ଏବଂ ସମ୍ବିଧାନ ପ୍ରଣୟନରେ ଯେଉଁ ବୀର ସଂଗ୍ରାମୀ ମହାପୁରୁଷ ଅକ୍ଳାନ୍ତ ପରିଶ୍ରମ କରିଛନ୍ତି ସେମାନଙ୍କୁ ପ୍ରଣାମ ବୋଲି ଜିଲାପାଳ କହିଥିଲେ। ନବରଙ୍ଗପୁର ଜିଲା ପ୍ରଗତି ପଥରେ ଆଗେଇ ଚାଲିଛି। ଜିଲାର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ନିମନ୍ତେ ଦଳ ମତ ନିର୍ବିଶେଷରେ ସମସ୍ତଙ୍କର ସହଯୋଗର ଆବଶ୍ୟକତା ରହିଛି ବୋଲି ଜିଲାପାଳ କହିଥିଲେ।

ମିଳିତ ପରେଡ୍ରେ ପୋଲିସ, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏଥିସହିତ ବିଭିନ୍ନ ବିଭାଗ ପକ୍ଷରୁ ସରକାରଙ୍କର ଉନ୍ନୟନ ଓ ବିକାଶ ମୁଖୀ କାର୍ଯ୍ୟକ୍ରମର ସଚେତନତାର ବାର୍ତ୍ତା ବାହକ ପ୍ରଜ୍ଞାପନ ମେଢ଼ ପରିକ୍ରମା କରିଥିଲା। ଜନସାଧାରଣଙ୍କ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଛି। ପରେଡ, ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନୀ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ଶିକ୍ଷାନୁଷ୍ଠାନ, ବିଭାଗ ଏବଂ ଜିଲା ସ୍ୱାସ୍ଥ୍ୟ ବିଭାଗ, ସମାଜ କଲ୍ୟାଣ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍ପି ଏସ୍.ସୁଶ୍ରୀ, ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅନ୍ୟା ଦାସ, ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ନବରଙ୍ଗପୁର ପୌରାଧ୍ୟକ୍ଷ କୁନୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଜିଲାପାଳ ଜିଲା କାରାଗାର ଯାଇ ଅନ୍ତେବାସୀଙ୍କୁ ଫଳ ବଣ୍ଟନ କରିଥିଲେ। ପୋଲିସ ପ୍ରଶାସନ ପକ୍ଷରୁ ପୁରୁଣା ମଣ୍ଡେଇ ପଡ଼ିଆରେ ଏକ ରକ୍ତଦାନ ଶିବିର କରାଯାଇଥିଲା। ନବରଙ୍ଗପୁର ମହାବିଦ୍ୟାଳୟ ଖେଳ ପଡିଆରେ ଜିଲାପାଳ ଏକାଦଶ ଏବଂ ବାର୍ ଆସୋସିଏସନ୍ ଏକାଦଶ ମଧ୍ୟରେ ଏକ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ଏକାଦଶ ବିଜେତା ହୋଇଥିଲା। ସନ୍ଧ୍ୟାରେ ଶାସ୍ତ୍ରୀ ଭବନଠାରେ ବିଭିନ୍ନ ପ୍ରତିଯୋଗିତାର ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଡିଜେ ପ୍ରଣତୀ ସା, ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଡିଇଓ ପ୍ରଦୀପ ନାଗ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁପାତ୍ର, ଜିଲା କ୍ରୀଡ଼ାଧିକାରୀ ମହେନ୍ଦ୍ର ସାହୁ, ନବରଙ୍ଗପୁର ପୌରପାଳିକା ନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ୍, ଜିଲା ଓକିଲ ସଂଘ ସମ୍ପାଦକ ରାମପ୍ରସାଦ ପାତ୍ର, ପ୍ରୋଗ୍ରାମ ଅଫିସର ହିମାଂଶୁ ପଟ୍ଟନାୟକ, ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଡିଆଇପିଆର୍ଓ ହଳଧର ନିଆଲ୍ ପରିଚାଳନା କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ମନୋଜ ପଟ୍ଟନାୟକ ସହଯୋଗ କରିଥିଲେ।



ଜିଲାପାଳ ଜଣେ ଫାର୍ମାସିଷ୍ଟଙ୍କୁ ପୁରସ୍କୃତ କରୁଛନ୍ତି।

**ନବରଙ୍ଗପୁର ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ**

## ଆଦିତ୍ୟ ବିର୍ଲା ପବ୍ଲିକ୍ ସ୍କୁଲରେ ଗଣତନ୍ତ୍ର ଦିବସ ପାଳିତ

ଟିକିରି,୨୭।୧(ଡି.ଏନ୍.ଏ.)

କାଶୀପୁର ବ୍ଲକ ଓଷାପଡ଼ା ସ୍ଥିତ ଆଦିତ୍ୟ ବିର୍ଲା ପବ୍ଲିକ ସ୍କୁଲ ପରିସରରେ ଅଧ୍ୟକ୍ଷା ରିଙ୍କୁ ବାନର୍ଜୀଙ୍କ ଅଧ୍ୟକ୍ଷତାରେ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଜାତୀୟ ପତାକା ଉତ୍ତୋଳନପୂର୍ବକ ଅଧ୍ୟକ୍ଷା ଛାତ୍ରୀଛାତ୍ରଙ୍କୁ ବହୁମୂଲ୍ୟ ଉପଦେଶ ଦେଇଥିଲେ। ଏହାପରେ ବିଦ୍ୟାର୍ଥୀଙ୍କ ଦ୍ୱାରା ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି ଅବସରରେ ଉତ୍କଳ ଆଲୁମିନା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଏନ୍ସିସି ମହିଳା ଶାଖା ମିଳିତ ପ୍ୟାରେଡରେ ଭାଗନେଇ ବିଦ୍ୟାଳୟକୁ ଗୌରବାନ୍ୱିତ କରିଥିଲେ। ନବମ ଶ୍ରେଣୀ ଛାତ୍ରୀ ଅଭିପ୍ସା ପ୍ରିୟଦର୍ଶିନୀ ଏନ୍ସିସିର ଜୋନ୍ସ୍ତରୀୟ ବନ୍ଧୁକ ଚାଳନା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ ପାଇଥିବାରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିସହ ଏନ୍ସିସି କ୍ୟାଡେଟ ସ୍ନେହାସ୍ୱପ୍ନା ଦାଶ, ଅଦିତି ପାଣ୍ଡେ, ଭେଙ୍କେଟେଶ୍ୱରୀ ନାୟକ, ରାହୁଲ ଦ୍ରାବି ନାୟକ, ଦେବୀଦତ୍ତ ମହାନଙ୍କୁ ଆଦିଙ୍କୁ ବିଭିନ୍ନ କ୍ଷେତ୍ରରେ ସଫଳତା ନେଇ ଉତ୍କଳ ଆଲୁମିନା ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି।



## ସଂଯୁକ୍ତ କିଷାନ ମୋର୍ଚ୍ଚାର ତହସିଲଦାରଙ୍କୁ ଦାବିପତ୍ର

ଚନ୍ଦାହାଣ୍ଡି, ୨୭।୧(ଡି.ଏନ୍.ଏ.)

କୃଷକ ଆନ୍ଦୋଳନ ବେଳେ ଦେଇଥିବା ପ୍ରତିଶ୍ରୁତିକୁ ବିଶ୍ୱାସଘାତକତା କରିଛନ୍ତି କେନ୍ଦ୍ର ସରକାର। ଏହାକୁ ବିରୋଧ ଏବଂ କୃଷକଙ୍କ ନ୍ୟାଯ୍ୟ ଦାବି ହାସଲ ପାଇଁ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ସଂଯୁକ୍ତ କିଷାନ ମୋର୍ଚ୍ଚା ଓଡିଶା ନବରଙ୍ଗପୁର ଜିଲା ଆବାହକ ରାଜେଶ ଜାନିଙ୍କ ନେତୃତ୍ୱରେ ଏକ ବିରାଟ ଶୋଭାଯାତ୍ରା ବାହାରିଥିଲା। ସଂଘ ସଦସ୍ୟମାନେ ଚନ୍ଦାହାଣ୍ଡି ବିଡିଓ ଧର୍ମରାଜ ମାଝି ଏବଂ ତହସିଲଦାର ଜି. ରଶ୍ମିରେଖାଙ୍କୁ ୨୦ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ନୂଆଁଖାଉ ଭତ୍ରା, ରବିସାନ୍ତା, ଦାସ ସାନ୍ତା, ଚତୁର ସିଂ ନାୟକ, ଘାସିରାମ ମାଝି, ଦର୍ଶନ ସାନ୍ତା, ପବିତ୍ର ସୁନାନି, ଜୟମଲ ନାଗ, ପାଣ୍ଡବ ସାନ୍ତା, ନରସିଂହ ବିନ୍ଧାଣୀ, ମୋହନ ବେଶନା, ପରଶୁ ବାଘ, ନରହରି ଧୁରୁଆ, ହରି ମାଝି, ସୁରେନ୍ଦ୍ର ସାନ୍ତା, ପୁରଷୋତ୍ତମ ସାନ୍ତା, ରାଜୁ ସାନ୍ତା, ପାର୍ବତୀ ଧୁରୁଆ, ସୂର୍ଯ୍ୟ ସାନ୍ତା, ଉର୍ମିଳା ସାହୁ ମଞ୍ଜୁଳା ମାଝିଙ୍କ ସମେତ ୬୦୦ରୁ ଉର୍ଦ୍ଧ୍ୱ କୃଷକ, ଶ୍ରମିକ, ଛାତ୍ର ଓ ଯୁବକ ଦାବିପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ।



ତହସିଲଦାର ଜି. ରଶ୍ମିରେଖା ଦାବିପତ୍ର ଗ୍ରହଣ କରୁଛନ୍ତି।

## ସମ୍ବଳର ଠିକ୍ ଆବଣ୍ଟନ,ପ୍ରକଳ୍ପ କାର୍ଯ୍ୟକାରୀକୁ ଗୁରୁତ୍ୱ

ନବରଙ୍ଗପୁର, ୨୭।୧(ବି.ପ୍ର.)

ନବରଙ୍ଗପୁରସ୍ଥିତ ମିଶନ ଶକ୍ତି ବୈଠକ ଗୃହରେ ୨୨ତମ ଜିଲା ଯୋଜନା କମିଟି ବୈଠକ ଅନୁଷ୍ଠିତ ହୋଇଛି। ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଲୋକ ସଭା ସଦସ୍ୟ ରମେଶ ଚନ୍ଦ୍ର ମାଝି, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ଜିଲା ପରିଷଦ ଅଧ୍ୟକ୍ଷ ମୋତିରମ ନାୟକ, ଜିଲା ପରିଷଦ ଉପାଧ୍ୟକ୍ଷା ଲିପିକା ବାରୋଇ, ନବରଙ୍ଗପୁର ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକ, ସମସ୍ତ ଜିଲା ଯୋଜନା କମିଟିର ସଦସ୍ୟା ସଦସ୍ୟ ଓ ସଭ୍ୟଙ୍କ ସହ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ସମ୍ବଳର ଠିକ୍ ବିନିଯୋଗ, ସହଭାଗିତାଭିତ୍ତିକ ଯୋଜନା ପ୍ରସ୍ତୁତି ଓ ଏହାର କାର୍ଯ୍ୟକାରିତା, ଜିଲାକୁ ବିଜୁ କେବିକେ ଯୋଜନାରେ ଆସିଥିବା ଅନୁଦାନର ଆନୁପାତିକ ଭିତ୍ତିକ ବ୍ୟୟ ବରାଦ ଉପରେ ଆଲୋଚନା ହୋଇଥିଲା। ଲୋକ ପ୍ରତିନିଧିମାନେ ସମ୍ବଳର ଠିକ୍ ଆବଣ୍ଟନ, ଜଳସେଚନ ଓ ପାନୀୟ ଜଳ ପ୍ରକଳ୍ପ ଉପରେ ଗୁରୁତ୍ୱ ଦେଇଥିଲେ। ଜିଲାର ସମସ୍ତ ଗ୍ରାମକୁ ଗମନାଗମନ ସୁବିଧା, ଭାରତମାଳା ପ୍ରକଳ୍ପ ପାଇଁ ବ୍ୟବହାର ହେଉଥିବା ଭାରିଯାନ ଯୋଗୁ ରାସ୍ତାଘାଟର କ୍ଷୟକ୍ଷତିର ଭରଣା, ଅଚଳ ଜଳସେଚନ ପ୍ରକଳ୍ପର ମରାମତି, ଜିଲାରେ ନିର୍ମାଣ ହୋଇଥିବା ପାଇପ ଯୋଗେ ଜଳଯୋଗାଣ ପ୍ରକଳ୍ପର ଠିକ୍ କାର୍ଯ୍ୟକ୍ଷମ ସମ୍ପର୍କରେ ଆଲୋଚନା କରାଯାଇଛି।

**୨୨ ତମ ଜିଲା ଯୋଜନା କମିଟି ବୈଠକ**

ଭାରତମାଳା ଯୋଗୁ ହୋଇଥିବା ସମସ୍ତ ରାସ୍ତାର କ୍ଷୟକ୍ଷତି ଆକଳନ କରି ମରାମତି ନିମନ୍ତେ ଆବଶ୍ୟକ ଅର୍ଥରାଶି ବ୍ୟୟ ମଞ୍ଜୁରୀ ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଜିଲାପାଳ ମିଶ୍ର ପ୍ରସ୍ତାବ ଆଗତ କରିଥିଲେ। ଗତ ଆର୍ଥିକ ବର୍ଷର ବିଜୁ କେବିକେ ଯୋଜନାରେ ମଞ୍ଜୁର ହୋଇଥିବା ଅର୍ଥ ବିନିଯୋଗ ସମ୍ପର୍କରେ ସମ୍ପୂର୍ଣ୍ଣ ବିବରଣୀ ଗୃହରେ ଉପସ୍ଥାପନ କରାଯାଇଛି। ଏଥିରେ ସମୁଦାୟ ୧୫ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ୪୩୦ ପ୍ରକଳ୍ପ କାମ ହାତକୁ ନିଆଯାଇଥିଲା। ସେଥିମଧ୍ୟରୁ ୧୦୪ ପ୍ରକଳ୍ପ କାମ ଶେଷ ହୋଇଛି। ସେହିପରି ୨୦୨୧-୨୨ ଓ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାରଙ୍କ ଅନୁମୋଦନ ନିମନ୍ତେ (କେବିକେ ରାଜ୍ୟ ସେକ୍ଟର) ଅଧୀନରେ ପ୍ରଦାନ କରାଯାଇଥିବା ସମସ୍ତ ପ୍ରକଳ୍ପ ଗୃହରେ ଉପସ୍ଥାପନ କରାଯାଇଥିଲା। ଜିଲାର ଆବଶ୍ୟକତାକୁ ଭିତ୍ତିକରି ୨୦୨୧-୨୨ପାଇଁ ବିଜୁଳି ୨୩.୭, ସଡକ ୫୨.୩, ପାଣି ୨୩.୨ ଓ ଜୀବନ ଜୀବିକା ପ୍ରକଳ୍ପ ପାଇଁ ୦.୫ ପ୍ରତିଶତ ଓ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ବିଜୁଳି ୨୫.୫, ସଡକ ୪୯.୧, ପାଣି ୨୩.୩ ଓ ଜୀବନ ଜୀବିକା ପ୍ରକଳ୍ପ ପାଇଁ ୨.୧ ପ୍ରତିଶତ ଜିଲାରେ କାର୍ଯ୍ୟ କରାଯିବା ପାଇଁ ସମୁଦାୟ ୨୦ କୋଟି ଟଙ୍କାର ଆର୍ଥିକ ବ୍ୟୟବରାଦ ସର୍ବସମ୍ମତି କ୍ରମେ ସ୍ଥିର କରାଯାଇଥିଲା। କେବିକେ (ଜିଲା ସେକ୍ଟର) ପାଇଁ ୨୦୨୧-୨୨ ଓ ୨୦୨୨-୨୩ ଆର୍ଥିକ ବର୍ଷ ନିମନ୍ତେ ୧୦ କୋଟି ଟଙ୍କାର ଆର୍ଥିକ ବ୍ୟୟବରଦ ସର୍ବସମ୍ମତି କ୍ରମେ ଗୃହରେ ପାରିତ ହୋଇଥିଲା। ୨୦୨୧-୨୨ ଓ ୨୦୨୨-୨୩ ଆର୍ଥିକ ବର୍ଷର ବାର୍ଷିକ ଯୋଜନା ଖସଡା ଗୃହରେ ଉପସ୍ଥାପନ କରାଯାଇଥିଲା। ସମୁଦାୟ ୧୦ଟ ସେକ୍ଟର ପାଇଁ ୨୦୨୧-୨୨ ଆର୍ଥିକ ବର୍ଷ ନିମନ୍ତେ ୧୨୩୭.୬୦ କୋଟିର ଆର୍ଥିକ ଅଟକଳ ଏବଂ ୨୦୨୨-୨୩ ଆର୍ଥିକ ବର୍ଷ ନିମନ୍ତେ ୧୩୪୪ କୋଟି ର ଆର୍ଥିକ ଅଟକଳ ସର୍ବସମ୍ମତି କ୍ରମେ ମଞ୍ଜୁର କରାଯାଇଥିଲା। ପାରିତ ପ୍ରସ୍ତାବକୁ ସମସ୍ତଙ୍କ ପ୍ରଚେଷ୍ଟା ଓ ସହଭାଗିତା ମଧ୍ୟରେ ଠିକ୍ ଭାବେ କାର୍ଯ୍ୟକାରୀ କରିବାକୁ ଗୁରୁତ୍ୱ ଦିଆଯାଇଛି। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଆଧିକାରୀ ଅନ୍ୟା ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଉଦୟନାଥ ବେହେରା, ଦେବେନ୍ଦ୍ର ବିଷୋୟୀ, ପ୍ରେମାନନ୍ଦ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

